# Akashvani, Sambalpur

## SAMBALPURI NEWS EVENING BULLETIN

## 25 March 2026-7.02- 7.12 pm.

---

୧- ପଶ୍ଚିମ ଏସିଆ ଥିତିକେ ନେଇକରି କେନ୍ଦ୍ର ସରକାର୍ ଡାକ୍‌ଲେ ସର୍ବଦଳୀୟ ବୈଠକ୍ ।

- ଦେଶେ ଗେସ୍ ଆଉ ଇନ୍ଧନ୍ ଭରପୁର୍ ମାତ୍ରାଥି ମହଜୁଦ୍ ଅଛେ- ସୂଚନା ଦେଲା ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ।

୨- ପୁରୀ ଶ୍ରୀମନ୍ଦିର୍ ନ ମୁଲ୍ ହେଲା ମାହାପୁରୁମାନ୍‌କର୍ ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତି ପ୍ରକ୍ରିୟା ।

୩- ବିଧାନ୍‌ସଭା ନ ଗୃହ ଆଉ ସାଧାରଣ ପ୍ରଶାସନ୍ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

- ଉପସ୍ଥାପିତ୍ ହେଲା ଗୃହ ବିଭାଗ୍‌ର ଶ୍ୱେତପତ୍ର ।

ଆଉର୍

୪- ସମ୍ବଲ୍‌ପୁର୍ ନ ଆଇଟି ଆଉ ଇଲେକ୍ଟ୍ରୋନିକ୍ସ ପାର୍କ ଥାପ୍‌ନା ଲାଗି ମୁଲ୍ ହେଲା ଜାଗା ଚିହ୍ନଟ୍ ପ୍ରକ୍ରିୟା ।

ଗେସ୍ ଥିତି- ପେଟ୍ରୋଲୟିମ୍ ମନ୍ତ୍ରଣାଲୟ ଏନ୍‌ଏସ୍‌ଡି

ପଶ୍ଚିମ ଓସିଆ ନ ଲାଗି ରହିଥିବା ସଂଘର୍ଷ ଥିତିକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ସର୍ବଦଳୀୟ ବୈଠକ୍ ଡକାୟାଇଛେ । ସଂସଦ୍ ଭବନ୍ ପରିସର୍ ନ ଚାଲିଥିବା ସର୍ବଦଳୀୟ ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାାହା, ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର୍, ପେଟ୍ରୋଲିୟମ୍ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀଙ୍କର୍ ସହେତେ ଭିନ୍ ଭିନ୍ ଦଲର୍ ସଦସ୍ୟମାନେ ଉପସ୍ଥିତ୍ ଅଛନ୍ ।

ସେଆଡ଼େ ଦେଶେ ପେଟ୍ରୋଲିୟମ୍ ଦରବ୍ ଯୋଗାଣର୍ ଥିତି ଠିକ୍ ରହିଛେ ବଲି ପେଟ୍ରୋଲିୟମ୍ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଲୟର୍ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ । ନୂଆଦିଲ୍ଲୀ ନ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀମତୀ ଶର୍ମା କହିଛନ୍, ଭାରତ୍ ନ ଇହାଦେ ଭର୍‌ପୁର୍ ମାତ୍ରାଥି ଇନ୍ଧନ୍ ଆଉ ଗେସ୍ ଭଣ୍ଡାର୍ ରହିଛେ । ରିଫାଇନାରୀମାନେ ପୂର୍ଣ୍ଣକ୍ଷମତାର୍ ସହେତେ କାମ୍ କରୁଛନ୍ ଆଉ ପାଖାପାଖି ୨୬ କୋଟି ଟନ୍ ତେଲ୍ ମହଜୁଦ୍ ଅଛେ । ଗଲା ୨୫ ଦିନ୍ ଭିତ୍‌ରେ ଅଢ଼େଇଲାଖ୍ ନୂଆଁ ପିଏନ୍‌ଜି ସଂଯୋଗ୍ ଦିଆୟାଇଛେ । ଇ ସମିଆଥି ୨ ଲାଖ୍ ୨୦ ହଜାର୍ ଉପଭୋକ୍ତା ଏଲ୍‌ପିଜିନୁ ସିଏନ୍‌ଜିକେ ଇନ୍ଧନ୍ ଭାବେ ବାଛିଛନ୍ । ଦେଶେ

ବାଣିଜ୍ୟିକ୍ ଏଲ୍‌ପିଜି ବଂଟନ୍‌କେ ୫୦ ପ୍ରତିଶତ୍ ବଢ଼ାଯାଇଛେ । ଉପଭୋକ୍ତାମାନ୍‌କୁ ଠିକ୍ ସମିଆଥି ଗେସ୍ ଯୁଗେଇ ଦିଆଯାଉଛେ । ଗେସ୍ ନାଇଁ ନ ବଲି ଲୁକେ୍ ଘବ୍‌ରାବାର୍ କି ଅପପ୍ରଚାର୍ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ଶ୍ରୀମତୀ ଶର୍ମା ଦେଶ୍‌ବାସୀଙ୍କୁ ପରାମର୍ଶ ଦେଇଛନ୍ ।
(ଭଏସ୍ ଓଭର୍- ସୁଜାତା ଶର୍ମା)

ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ମାହାପୁରୁମାନ୍‌କର୍ ରତ୍ନଭଣ୍ଡାର୍ ଅଲଙ୍କାର୍ ଗନ୍‌ତିମନ୍‌ତି ପ୍ରକ୍ରିୟା ମୁଲ୍ ହେଇଛେ । ଦିନର୍ ୧୨ ବାଜିକରି ୩୫ ମିନିଟ୍ ମାହେନ୍ଦ୍ର ବେଲାଥି ସ୍ୱତନ୍ତ୍ର ପ୍ରତିନିଧି ଦଲ୍ ଶ୍ରୀମନ୍ଦିର୍‌କେ ଯାଇକରି ଗନ୍‌ତି ମୁଲ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ସୁପର୍‌ଭାଇଜିଂ ଆଉ ହେଣ୍ଡଲିଂ ଦଲ୍ ଗନ୍‌ତିମନ୍‌ତି କାମ୍‌ଥି ଲାଗିଛନ୍ । ଆଏଜ୍ ପହେଲା ଦିନେ ଚଳନ୍ତି ଭଣ୍ଡାର୍ ଘରେ ଥିବା ଅଲଙ୍କାର୍ ମାନ୍‌କର୍ ଗନ୍‌ତି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ସ୍ୱର୍ଣ୍ଣ ଅଲଙ୍କାର୍‌କେ ହଲ୍‌ଦିଆ, ରୂପା ଅଲଙ୍କାର୍‌କେ ଧୋପ୍ ଆର୍

ବାକି ଅଳଙ୍କାର୍ ସବୁକେ ଲାଲ୍ ରଙ୍ଗର୍ କପଡ଼ାଥି ରଖିକରି ସିନ୍ଦୁକ୍‌ଥି ଭରାଯାଉଛେ । ସବୁ ପ୍ରକ୍ରିୟାର୍ ଫଟୋଗ୍ରାଫି, ଭିଡ଼ିଓଗ୍ରାଫି ଆଉ ଥ୍ରିଡ଼ି ମେପିଂ କରାଯାଉଛେ । ଶ୍ରୀମନ୍ଦିର୍‌ର ସୁନାରୀ, ସର୍‌କାରୀ ସୁନାରୀ, ଅଲଙ୍କାର୍ ଚିହ୍ନଟ୍‌କାରୀ ଆଉ ଆର୍‌ବିଆଇ ଅଧିକାରୀଙ୍କର୍ ଉପସ୍ଥିତିଥି ଗନ୍‌ତି ମନ୍‌ତି ଚାଲିଛେ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ୨ ନମ୍ବର୍ ଖେପ୍‌ର ୧୩ ନମ୍ବର୍ ଦିନେ ଆଏଜ୍ ଭିଲ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାକେ ନେଇକରି ଗୃହ କାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ବିରୋଧୀ ବିଜେଡ଼ି ଆଉ କଂଗ୍ରେସ୍ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ବିରୋଧୀମାନ୍‌କର୍ କିର୍ଲାଗଗା ଲାଗି ବାଚସ୍ପତି ସୁରମା ପାଢ଼ୀ ଗୃହକେ ବାର୍‌ବାର୍ ମୁଲ୍‌ତବୀ କରିଥିଲେ । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଗୃହ ଆଉ ସାଧାରଣ ପ୍ରଶାସନ୍ ବିଭାଗ୍‌ର

ଖର୍ଚ୍ଚା ଦାବି ଆଗତ୍ କରିଥିଲେ । ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବାର୍‌ନୁ ବାଚସ୍ପତି ସର୍ବଦଳୀୟ ବୈଠକ୍ ଡାକିଥିଲେ, ହେଲେ ବିରୋଧୀ ସଦସ୍ୟମାନେ ଜିଦ୍‌ଥି ଅଟଲ୍ ରହିଥିଲେ । ବିରୋଧୀ ସଦସ୍ୟମାନେ ଅନୁପସ୍ଥିତ୍ ଥିଲେ ଭିଲ୍ ଗୃହ ନ ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ଚାଲିଛେ ।

ବିଧାନ୍‌ସଭା-ଶ୍ୱେତପତ୍ର ପ୍ରକାଶ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ନ ଆଏଜ୍ ଗୃହ ବିଭାଗ୍ ତର୍‌ଫୁ ୨୦୨୫ ମସିହା ଲାଗି ଶ୍ୱେତପତ୍ର ପ୍ରକାଶ୍ ପାଇଛେ । ୨୦୨୫ ମସିହାଥି ରାଏଜେ ଆଇନ୍ ଶୃଙ୍ଖଳା ଥିତି ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିଲା ବଲି ଇଥି ଦର୍ଶାଯାଇଛେ । ଶ୍ୱେତପତ୍ରର୍ ତଥ୍ୟ ଅନ୍‌ସାରେ ଗଲାବଛର୍ ନୂଆପଡ଼ା ଉପନିର୍ବାଚନ୍, ପୁରୀ ରଥଯାତ୍ରା ଆଉ ଅଲ୍‌ଗା ଧାର୍ମିକ୍ କାର୍ଯ୍ୟକ୍ରମ୍ ଠିକ୍ ଭାବେ ହେଇଥିଲା । ଇ ସମିଆ ଭିତ୍‌ରେ ଶହେ ୨୨ ଟା ସାମ୍ପ୍ରଦାୟିକ ଗଣ୍ଡଗୋଲ୍ ହେଇଥିଲା । ସ୍ୱରାଷ୍ଟ୍ରମନ୍ତ୍ରଣାଳୟର୍ ନିର୍ଦ୍ଦେଶ୍ ଅନ୍‌ସାରେ ରାଏଜେ ବେଆଇନ୍ ଭାବେ ରହୁଥିବା ପ୍ରବାସୀ ମାନ୍‌କୁ ଠାବ୍ କରାଯାଇକରି ସେମାନ୍‌କର୍ ଘର୍‌କେ ବଟାବାର୍ ଲାଗି ସବୁ ଜିଲ୍ଲା ନ ସ୍ୱତନ୍ତ୍ର

କାର୍ଯ୍ୟନିର୍ବାହୀ ଦଲ୍ ଗଠନ୍ କରାଯାଇଛେ । ଇ ପ୍ରକ୍ରିୟାଥି ୨ ହଜାର୍ ୨ ଶହ ୫୯ ଝନ୍ ସନ୍ଦିଗ୍ଧଙ୍କର୍ ପରିଚୟ ଯାଂଚ୍ କରାଯାଇଥିଲା । ସେଥିର୍‌ଭିତ୍‌ରୁ ୭୫ ଝନ୍ ବାଂଲାଦେଶୀଙ୍କୁ ଚିହ୍ନଟ୍ କରାଯାଇକରି ୭୩ ଝନ୍‌କୁ ଦେଶାନ୍ତର୍ କରାଯାଇଛେ । ସେନ୍ତା ଗଲାବଛର୍ ମୋଟ୍ ୨ ଲାଖ୍ ୨୯ ହଜାର୍ ୮ ଶହ ୮୧ ଟା ଅପରାଧିକ ମାମ୍‌ଲା ପଞ୍ଜିକୃତ୍ ହେଇଛେ ବଲି ଶ୍ୱେତପତ୍ରଥି ଉଲ୍ଲେଖ୍ କରାଯାଇଛେ ।

ବାଣିଜ୍ୟିକ ଗେସ୍ -ଯୋଗାଣମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବାଣିଜ୍ୟିକ ଗେସ୍ ଅଭାବ୍ ଦୂର୍ କର୍‌ବାର୍ ଲାଗି ବିକଳ୍ପ ଇନ୍ଧନ ବ୍ୟବସ୍ଥା ବେଭାର୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ସବୁ ହୋଟେଲ୍ ଆଉ ରେଷ୍ଟୁରେଂଟ୍ ମାନ୍‌କୁ ପରାମର୍ଶ ଦେଇଛନ୍ । ଏଲ୍‌ପିଜି ବଦ୍‌ଲେ ପିଏନ୍‌ଜି, ବିଦ୍ୟୁତ୍ ଓଭାନ୍, ଇଣ୍ଡକ୍ସନ୍, ବାଷ୍ପୀୟ ଇନ୍ଧନ ପ୍ରଣାଳୀଥି ରନ୍ଧାବଢ଼ା କର୍‌ବାର୍‌କେ ପରାମର୍ଶ ଦେଇଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର ମଧ୍ୟପ୍ରାଚ୍ୟ ନ ଲାଗିରହିଥିବା

ସଂଘର୍ଷର୍ ଥିତି ଲାଗି ଦେଶେ ଏଲ୍‌ପିଜି ଗେସ୍ ବଂଟନ୍‌ଥି ଯେନ୍ତା ସମସ୍ୟା ନାଇଁ ହେବା ସେ ଦିଗ୍‌କେ ଧ୍ୟାନ୍ ଦେବାର୍‌କେ କେନ୍ଦ୍ର ସର୍‌କାର୍ ଜୋର୍ ଦେଇଛନ୍ ବଲି କହିଛନ୍ ।

ସହରୀ ଗେସ୍ ବିଚରଣ-ନିର୍ଦ୍ଦେଶ୍‌ନାମା    ଆଇ.ଆଣ୍ଡ୍.ପି.ଆର୍

ସହରୀ ଇଲାକାର୍ ଗେସ୍ ବିତରଣ ପ୍ରକଳ୍ପ ମାନ୍‌କର୍ ଅନୁମୋଦନ୍ ପ୍ରକ୍ରିୟାକେ ସରଲ୍ ଆଉ ତୁର୍‌ତି କର୍‌ବାର୍ ଲାଗି ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ଆଏଜ୍ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ଭୂତଳ ପାଇପ୍‌ଲାଇନ୍ ବିଛାବାର୍ ଆଉ ଅଲ୍‌ଗା ସିଜିଡ଼ି ଭିତିଭୂମି ନିର୍ମାଣ୍ ଲାଗି ସହରାଂଚଳ ସ୍ୱୟତ ସଂସ୍ଥା ମାନେ ଶୁଳ୍କ ଫି ଆଦାୟ ନାଇଁ କରନ୍ । ଚାଲିଥିବା କି ଆଘୋନୁ ମଞ୍ଜୁର୍ ହେଇଥିବା କାମ୍ ମାନ୍‌କୁ ପ୍ରଶାସନିକ୍ ଅନୁମତି ଦର୍‌କାର୍ ନାଇଁ ପଡ଼େ । ଧାରିଜ୍ ସମିଆ ଭିତ୍‌ରେ କାମ୍ ସାର୍‌ବାର୍ ଲାଗି ରାସ୍ତାଘାଟ କୁଡ଼୍‌ବାର୍ କଟକଣା ଭିଲ୍ ହଟେଇ ଦିଆଯାଇଛେ ।

ଧାନ୍ ଘିନା    ଆଇ.ଆଣ୍ଡ୍.ପି.ଆର୍

ଚଲ୍‌ତି ଖରିଫ୍ ଋତୁଥି ଏବତକ୍ ରାଜ୍ୟର୍ ଭିନ୍ ଭିନ୍ ମଣ୍ଡିକେ ପାଖାପାଖି ୭୫ ଲାଖ୍ ୪୫ ହଜାର୍ ୩ ଶହ ୮୧ ମେଟ୍ରିକ୍ ଟନ୍ ଧାନ୍ ଆସିଛେ । ସେଥିର୍‌ଭିତ୍‌ରୁ ୭୫ ଲାଖ୍ ୨୦ ହଜାର୍ ୨ ଶହ ୧୨ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ ବଲି ଯୋଗାଣ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ । ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ସର୍‌କାର୍ ୨୨ ହଜାର୍ ୩ ଶହ ୩୭ କୋଟିନୁ ଅଏତ୍‌କା ଟଙ୍କାର୍ ଏମ୍‌ଏସ୍‌ପି ଆଉ ଇନ୍‌ପୁଟ୍ ସାହାଜ୍ ଚାଷୀମାନ୍‌କୁ ଯୁଗେଇ ଦେଇଛନ୍ । ବର୍‌ଗଡ୍ ଜିଲ୍ଲା ନ ସବୁନୁ ଜହ ୭ ଲାଖ୍ ୭୦ ହଜାର୍ ଶହେ ୫୭ ମେଟ୍ରିକ୍ ଟନ୍ ଧାନ୍ ମଣ୍ଡିକେ ଆସିଥିବାର୍ ବେଲେ ସେଥିର୍‌ଭିତ୍‌ରୁ ୭ ଲାଖ୍ ୬୯ ହଜାର୍ ୮ ଶହ ୩୮ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ ।

ଅଗ୍ନିନିରାପତା ବ୍ୟବସ୍ଥା ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍ ମାନ୍‌କେ ଅଗ୍ନିନିରାପତା ବ୍ୟବସ୍ଥା ବର୍‌କସ୍ କର୍‌ବାର୍ ଲାଗି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ଭୁବ୍‌ନେଶ୍ୱର୍

ଲୋକ୍‌ସେବା ଭବନ୍ ନ ଆଭାସୀ ଜରିଏ ସବୁ ଜିଲ୍ଲାପାଳ୍‌ମାନ୍‌କର୍ ସାଙ୍ଗେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିଛନ୍ । ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍‌ମାନ୍‌କେ ଅଗ୍ନି ନିରାପତା ଭିତିଭୂମି ଲାଗି ନିରୀକ୍ଷଣ୍, ଆବଶ୍ୟକ୍ ଆକଳନ୍ ବ୍ୟବସ୍ଥା ସହେତେ ଠିକ୍ ସମିଆ ଭିତ୍‌ରେ ସବୁ କାମ୍ ସାର୍‌ବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲାପାଳ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସିପିଇଟି ପରୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଏକକ ସ୍ନାତକୋତର ପ୍ରବେଶିକା ପରୀକ୍ଷା -ସିପିଇଟି ମେ ୫ ନୁ ୧୮ ତାରିଖ୍‌ତକ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ୨୦୨୬-୨୭ ଶିକ୍ଷା ବଛ୍‌ରେ ସ୍ନାତକୋତର ପାଠ୍ୟକ୍ରମ୍ ଲାଗି ଥିବା ୩୧ ହଜାର୍ ୯ ଶହ ୧୫ ଟା ସିଟ୍ ଲାଗି ୫୮ ହଜାର୍ ୭ ଶହ ୮ ଝନ୍ ଛାତ୍ରଛାତ୍ରୀ ସିପିଇଟି ଲାଗି ଆବେଦନ୍ କରିଛନ୍ । ଆବେଦନ୍‌କାରୀମାନ୍‌କର୍ ତଥ୍ୟ ଆଏବା କାଏଲ୍ ରାଜ୍ୟ ଚୟନ ବୋର୍ଡ୍‌କେ ଦିଆଯିବା । ଏପ୍ରିଲ୍ ୩୦ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ଲାଗି ଏଡ୍‌ମିଟ୍‌କାର୍ଡ୍ ଏସ୍‌ଏସ୍‌ବି

ୱେବ୍‌ସାଇଟ୍ www.ssbodisha.ac.in ଥି ଛାତ୍ରଛାତ୍ରୀମାନେ ପାଇପାର୍‌ବେ ।

ଆଇଟି ଆଉ ଇଲେକ୍ଟ୍ରୋନିକ୍ସ ପାର୍କ        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଆଇଟି ଆଉ ଇଲେକ୍ଟ୍ରୋନିକ୍ସ ପାର୍କ ଥାପ୍‌ନା ଲାଗି ଜାଗା ଚିହ୍ନଟ୍ ପ୍ରକ୍ରିୟା ମୁଲ୍ ହେଇଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆଉ ସମ୍ବଲପୁର୍ ଜିଲ୍ଲା ଦାୟିତ୍ୱଥି ଥିବା ନୋଡ଼ାଲ୍ ଅଧିକାରୀ ବିଶାଲ୍ କୁମାର୍ ଦେବ୍ ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଇ ପାର୍କ ଲାଗି ପ୍ରସ୍ତାବିତ୍ ଜାଗା ବୁଲି ଦେଖିଛନ୍ । ଇତାର୍‌ସହେତେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ସମ୍ବଲ୍‌ପୁର୍‌କେ ଭିନ୍ ଭିନ୍ ଆଇଟି କମ୍ପାନୀ ଆନ୍‌ବାର୍ ଲାଗି ସର୍‌କାର୍ ଚେରେଷ୍ଟା କରୁଛନ୍ ବଲି ନୋଡ଼ାଲ୍ ଅଧିକାରୀ କହିଛନ୍ ।

(ଭଏସ୍ ଓଭର୍- ନୋଡ଼ାଲ୍ ସଚିବ)

ପ୍ରବେଶ୍ ଉସ୍ବବ- ନିଉତା       ବୌଦ୍ଧ ସମ୍ବାଦଦାତା

୨୦୨୬-୨୭ ଶିକ୍ଷା ବଛର୍ ଲାଗି ଏପ୍ରିଲ୍ ୨ ତାରିଖ୍ନୁ ସାରାରାଏଜେ ପ୍ରାଥମିକ ବିଦ୍ୟାଲୟ ଆଉ ଶିଶୁବାଟିକାମାନ୍କେ ନାଁଲେଖା ସହେତେ ପ୍ରବେଶ୍ ଉସ୍ବବ୍ ଆଉ ଖଡ଼ିଛୁଆଁ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ତର୍ଫୁ ଛୁଆମାନ୍କର୍ ମାତାପିତାଙ୍କୁ ନିଉତା ବଂଟାଯାଉଛେ । ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଧଳପୁର୍ ଠାନେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ନିଉତା ପତର୍ ଛୁଆମାନ୍କର୍ ଅଭିଭାବକ୍ ମାନ୍କୁ ବାଂଟିଛନ୍ । ଇ ଅବ୍ସରେ ଜିଲ୍ଲାପାଲ୍ ଛୁଆମାନ୍କୁ ଭିନ୍ ଭିନ୍ ଉପହାର୍ ଭିଲ୍ ଦେଇଛନ୍ ।

ଜନଗଣନା ତାଲିମ୍       ନୂଆପଡ଼ା ସମ୍ବାଦଦାତା

ଆଏବା ବଛର୍ ହେବାର୍କେ ଥିବା ଜନଗଣନା ଲାଗି ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ଜନଗଣନା ଅଧିକାରୀ ଆଉ ପର୍ଯ୍ୟବେକ୍ଷକ ମାନ୍କର୍ ତାଲିମ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ନୁ

ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ ଆଏବା ୨୭ ତାରିଖ୍‌ତକ୍ ଚାଲ୍‌ବା ।

ଜନସମ୍ପର୍କ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଥାନା ଡୋଲାବାଲି ଛକ୍ ନ ଜିଲ୍ଲା ପୁଲିସ୍ ତର୍‌ଫୁ ଜନସମ୍ପର୍କ ଶିବିର ହେଇଯାଇଛେ । ଶିବିର୍‌ଥି ବୌଦ୍ଧ ଏସ୍‌ଡିପିଓ ଲରେନ୍ ରାଉର୍‌ରାୟ ଯୋଗ୍ ଦେଇକରି ଲୁକ୍‌କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ ।

ଖାଉଟି ସଚେତନତା ଶିବିର୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଖାଉଟି ସଚେତନତା ଶିବିର୍ ହେଇଯାଇଛେ । ଦୋକାନୀମାନେ ଠିକ୍ ଦାମ୍‌ଥି ଖାଉଟି ଦରବ୍ ନାଇଁଦେଲେ କି କିଛି ଅନିୟମିତତା କଲେ ଖାଉଟି ଅଦାଲତ୍‌ର ଆଶ୍ରୟ ନେବାର୍‌କେ ଇ ଅବ୍‌ସରେ ଅତିଥି ମାନେ ପରାମର୍ଶ ଦେଇଛନ୍ ।